# ନାମାଙ୍କନପତ୍ର ପ୍ରତ୍ୟାହାର କଲେ ସ୍ୱାଧୀନ ପ୍ରାର୍ଥୀ

ଜୟପୁର,୨୯।୪ପବନ ପାରିଗ୍ରାହୀ)

ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ଦିବସରେ ସୋମବାର ଜଣେ ସ୍ୱାଧୀନ ପ୍ରାର୍ଥୀ ନୀଳମାଧବ ବିଷୋୟୀ ନିଜ ନାମାଙ୍କନପତ୍ର ପ୍ରତ୍ୟାହାରକରି ନେଇଛନ୍ତି। ସେ ସ୍ୱାଧୀନ ପ୍ରାର୍ଥୀ ଭାବରେ ଜୟପୁର ନିର୍ବାଚନ ମଣ୍ଡଳୀରୁ ବିଧାୟକ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ।

# 'ରାସ୍ତା ନ ହେଲେ ଭୋଟ ଦେବୁନି'

## ମଲିଝରଣ ଗ୍ରାମବାସୀଙ୍କ ଚେତାବନୀ

ଟିକିରି, ୨୯।୪(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ କୋଡିପାରି ପଞ୍ଚାୟତ ମଲିଝରଣ ଗ୍ରାମବାସୀ ରାସ୍ତା ନ ହେଲେ ଭୋଟ ଦେବୁନି ବୋଲି ଚେତାବନୀ ଦେଇଛନ୍ତି। ମଲିଝରଣ ଗାଁକୁ ଯିବାକୁ ହେଲେ ୨କି.ମି. ଖାଲ ଢିପ ପାହାଡ଼ ଦେଇ ଚାଲି ଯିବାକୁ ହୋଇଥାଏ। ନିର୍ବାଚନ ସମୟ ଆସିଲେ ମାଳ ମାଳ ନେତା ମନ୍ତ୍ରୀ ଆସିଥାନ୍ତି। ରାସ୍ତା କରିଦେବୁ ବୋଲି ପ୍ରତିଶ୍ରୁତି ମଧ ଦେଇଥାନ୍ତି। ହେଲେ ନିର୍ବାଚନ ସରିଗଲା ପରେ କେଉଁ ନେତା ମନ୍ତ୍ରୀ ବି ଦେଖାଦିଅନ୍ତି ନାହିଁ। ପ୍ରତିଶ୍ରୁତି ପାଣିର ଗାର ହୋଇଥାଏ। ସ୍ୱାଧୀନତାର ୭୭ ବର୍ଷ ପୂରିଥିଲେ ମଧ ରାସ୍ତାର ଯେଉଁ ମାନଚିତ୍ର ଥିଲା ବର୍ତ୍ତମାନ ମଧ ସେହି ପରି ଅଛି। ରାସ୍ତା କରିଦେବା ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ଓ ବ୍ଲକ ପ୍ରଶାସନଙ୍କୁ ବହୁବାର ଅଭିଯୋଗ କରିଥିଲେ ମଧ କେହି କର୍ଣ୍ଣପାତ କରୁ ନାହାନ୍ତି। ବୟସ୍କ ଲୋକଙ୍କଠାରୁ ଆରମ୍ଭ କରି ସମସ୍ତେ ଏହି ଖାଲଢିପ ରାସ୍ତାଦେଇ ଯାତାୟାତ କରିଥାନ୍ତି। ମଲ୍ଲୀଝରଣ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ସେବା କଥା ନ କହିଲେ ଭଲ । ଭଲ ରାସ୍ତା ନ ଥିବାରୁ ଗର୍ଭବତୀଙ୍କୁ ମେଡିକାଲ ଯିବା ପାଇଁ ହେଲେ ଖଟିଆରେ ବୁହା ହେଇ ୨କି.ମି. ଯାଇଥାନ୍ତି। ସେହିପରି କାଶୀପୁର ବ୍ଲକରେ ବହୁ ଗ୍ରାମ ଅଛି, ଏ ପର୍ଯ୍ୟନ୍ତ ରାସ୍ତା ସୁବିଧା ନାହିଁ । ବ୍ଲକ ପ୍ରଶାସନକୁ ବହୁବାର ଜଣାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# ନାମାଙ୍କନ ପ୍ରତ୍ୟାହାର କଲେ ୨ ପ୍ରାର୍ଥୀ



ଅଭିନାଶ ଗମାଙ୍ଗ ପ୍ରାର୍ଥିପତ୍ର ପ୍ରତ୍ୟାହାର କରୁଛନ୍ତି।

## ଗୁଣପୁର ବିଧାନସଭା ଆସନ

ଗୁଣପୁର,୨୯।୪(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀର ଦୁଇ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ସୋମବାର ପ୍ରତ୍ୟାହାର କରିଛନ୍ତି। ସେମାନେ ହେଲେ କଂଗ୍ରେସରୁ ଇସ୍ତଫା ଦେଇଥିବା ଯୁବନେତା ଅଭିନାଶ ଗମାଙ୍ଗ ଏବଂ ଅନ୍ୟ ଜଣେ ହେଲେ ସିପିଆଇଏମଏଲ ଲିବରେଶନର ପଦ୍ମିନୀ ଗମାଙ୍ଗ । ଉଭୟେ ଉପଜିଲାପାଳ ତଥା ରିଟର୍ନିଂ ଅଫିସର କିରଣଦୀପ କୌର ସହୋତାଙ୍କ ନିକଟରେ ନାମାଙ୍କନପତ୍ର ପ୍ରତ୍ୟାହାର କରିଛନ୍ତି। ଦୁଇ ଜଣ ନାମାଙ୍କନପତ୍ର ପ୍ରତ୍ୟାହାର କରିବା ପରେ ଏବେ ନିର୍ବାଚନ ମଇଦାନରେ ୧୨ ଜଣ ପ୍ରାର୍ଥୀ ରହିଛନ୍ତି। ସେମାନେ ହେଲେ ରଶ୍ମିତା ଶବର (ସ୍ୱାଧୀନ), ସିପିଆଇଏମଏଲ ଲିବରେଶନର ଅନାସିମ ଶବର, ସତ୍ୟଜିତ ଗମାଙ୍ଗ (କଂଗ୍ରେସ), ଫାଲଗୁନି ଶବର(ସ୍ୱାଧୀନ), ରଘୁନାଥ ଗମାଙ୍ଗ (ବିଜେଡି), ତ୍ରିନାଥ ଗମାଙ୍ଗ (ଭାଜପା), ଶିବରାମ ମାମ୍ଭଲକା (ବିଏସପି), ପୂର୍ଣ୍ଣଚନ୍ଦ୍ର ଶବର (ସ୍ୱାଧୀନ), ରବି ଶଙ୍କର ଗମାଙ୍ଗ (ସ୍ୱାଧୀନ), କଂଗ୍ରେସର ଇସ୍ତଫା ଦେଇ ସ୍ୱାଧୀନ ଭାବେ ଲଢୁଥିବା ଭାସ୍କର ଜାଗରଙ୍ଗା, କରୁଣାକର ଶବର (ସ୍ୱାଧୀନ) ଏବଂ ନାଗ ଭୂଷଣ ମାଣ୍ଡାଙ୍ଗି (ବିଏମପି)। କଂଗ୍ରେସ ପକ୍ଷରୁ ସତ୍ୟଜିତ ଗମାଙ୍ଗଙ୍କୁ ପ୍ରାର୍ଥୀ କରାଯିବା ପରେ ଏହାକୁ ବିରୋଧ କରି ଜିଲା ସଭାପତି ବିଜୟ ଗମାଙ୍ଗଙ୍କ ପୁଅ ଅଭିନାଶ ଗମାଙ୍ଗଙ୍କୁ ନାମାଙ୍କନ ପତ୍ର ଦେଇଥିଲେ। ଶେଷରେ ସେ ନିଜ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ପ୍ରଥମେ ଅଭିନାଶ ନିଜ ପଦରୁ ଏବଂ ପରେ ଦଳରୁ ଇସ୍ତଫା ଦେଇଥିଲେ। ଏନେଇ ଅଭିନାଶଙ୍କ ସହ ଯୋଗାଯୋଗ କରିବାରୁ ତାଙ୍କ ସହଯୋଗୀ ଭାସ୍କର ଜାଗରଙ୍ଗା ନିର୍ବାଚନରେ ଲଢୁଥିବାରୁ ସେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବା କହିଛନ୍ତି। ସେହିପରି ସିପିଆଇଏମଏଲର ଦୁଇ ଜଣ ଯଥା ଅନାସିମ ଶବର ଏବଂ ପଦ୍ମିନୀ ଗମାଙ୍ଗ ନାମାଙ୍କନ ପତ୍ର ଦାଖଲ କରିଥିଲେ। ପଦ୍ମିନୀ ନାମାଙ୍କନପତ୍ର ପ୍ରତ୍ୟାହାର କରିଥିବା ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ କହିଛନ୍ତି।

# ଭାଜପାର ଷ୍ଟାର ପ୍ରଚାରକ ପାଇଁ ବୈଠକ



ବୈଠକରେ ଆଲୋଚନା କରାଯାଉଛି।

ଗୁଣପୁର,୨୯।୪(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଏକ ଲଜ୍‌ଠାରେ ଭାଜପାର ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଷ୍ଟାର ପ୍ରଚାରକଙ୍କୁ ନେଇ କିପରି ନିର୍ବାଚନ ପ୍ରଚାର କରାଯିବ ସେ ନେଇ ଆଲୋଚନା ହୋଇଛି। ଦଳୀୟ କର୍ମୀ ଓ ନେତାମାନେ ଲୋକମାନଙ୍କୁ ନିକଟକୁ ଯାଇ ଦଳ ସପକ୍ଷରେ ପ୍ରଚାର କରିବେ ବୋଲି ବୈଠକରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଏମ୍‌ପି ପ୍ରାର୍ଥୀ କାଳିରାମ ମାଝି, ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ, ଜିଲା ପ୍ରଭାରି ଗୋବିନ୍ଦ ଜୈନ, ବିଧାୟକ ପ୍ରାର୍ଥୀ ତ୍ରିନାଥ ଗମାଙ୍ଗ, ବିଧାନସଭା ପ୍ରଭାରୀ ଶିବାଜୀ ଦାସ, ସଂଯୋଜକ ପ୍ରମୋଦ ସାହୁ, ବରିଷ୍ଠ ନେତା ୱାଇ.ଗଣପତି, ଉଦୟ ପାଢୀ, ଅଶ୍ୱିନୀ କାଞ୍ଚଡା, ନରସିଂହ ମାଣ୍ଡାଙ୍ଗିଙ୍କ ସମେତ ବହୁ ନେତା ଏବଂ କର୍ମୀମାନେ ଉପସ୍ଥିତ ଥିଲେ। ଦଳର ଏମ୍‌ପି ପ୍ରାର୍ଥୀ କାଳିରାମ ମାଝି ସହରର ମାନ୍ୟଗନ୍ୟ ବ୍ୟକ୍ତି ଏବଂ ଓକିଲ ସଂଘ ସଦସ୍ୟଙ୍କୁ ଭୋଟ ଭିକ୍ଷା କରିଥିଲେ।

# ଭାଙ୍ଗିଲା ଘର, ଉପୁଡ଼ି ପଡ଼ିଲା ଗଛ

## କାଳବୈଶାଖୀ ତାଣ୍ଡବ

ରାୟଗଡ଼ା,୨୯।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର କଲ୍ୟାଣସିଂହପୁର, କୋଲନରା, କାଶୀପୁର ଓ ରାୟଗଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ସୋମବାର କାଳବୈଶାଖୀ ତାଣ୍ଡବ ରଚିଛି। ବିଶେଷକରି କଲ୍ୟାଣସିଂହପୁର ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି।

ଶିକରପାଇ, ବଳଦିଆ, ବୁଢ଼ାଗୁଡ଼ା, ବେଲକଣା, ସାଜା, କତାଗୁଡ଼ା, ମହେନ୍ଦ୍ରପୁର ଗ୍ରାମରେ ଅନେକ ଘର ଛପର ଉଡ଼ିବା ସହିତ ଭାଙ୍ଗି ପଡ଼ିଛି। ସେହିଭଳି ବିଭିନ୍ନ ସ୍ଥାନରେ ଗଛଗୁଡିକ ମଧ ଉପୁଡ଼ି ନାନା କ୍ଷତି ଘଟିଛି। ବିଦ୍ୟୁତ ଖୁଣ୍ଟ ଓ ତାରଗୁଡିକ ଉପରେ ଗଛ ପଡ଼ିବା କାରଣରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ସେହିଭଳି ଗଛ ଉପୁଡି ପଡ଼ିବା କାରଣରୁ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ ହୋଇଛି। ସୋମବାର ମଧାହ୍ନ ପ୍ରାୟ ୨ ଟାରେ ଏହି କାଳବୈଶାଖୀ ତାଣ୍ଡବ ରଚିଲା। ବଜ୍ରପାତରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। କଲ୍ୟାଣସିଂହପୁର ଓ କୋଲନରା ଅଗ୍ନିଶମ କର୍ମଚାରୀ ଗଛଗୁଡ଼ିକୁ କାଟି ରାସ୍ତା ସଫା କରୁଛନ୍ତି। ସମ୍ପୂର୍ଣ୍ଣ ଭାବେ ଏହି ଗଛ କଟା ଶେଷ ହୋଇନାହିଁ। ମୁଖ୍ୟ ରାସ୍ତା ଅବରୋଧ ହଟାଇବା କାର୍ଯ୍ୟ ଚାଲିଥିଲା। ମଙ୍ଗଳବାର ବଳକା କାମ ଶେଷ ହେବ ବୋଲି ସୂଚନା ମିଳିଛି।



ଅଗ୍ନିଶମ କର୍ମଚାରୀ ରାସ୍ତା ଉପରୁ ଗଛ କାଟି ହଟାଉଛନ୍ତି।

# ସଚଳ ହେଲା ଅଚଳ ନଳକୂପ

## ଖବର ପ୍ରକାଶ ପରେ ଗ୍ରାମରେ ପହଞ୍ଚିଲା ପ୍ରଶାସନ

ଟିକିରି, ୨୯।୪(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଡୁଡୁକାବାହାଲ ପଞ୍ଚାୟତ କାଳିଆପଡା ଗ୍ରାମରେ ପାଣି ପାଇଁ ଗ୍ରାମର ମହିଳାମାନେ ରାସ୍ତାକୁ ଓହ୍ଲାଇଛନ୍ତି । ଏହି ଖବର ଜାଣିବା ପରେ ବିଡିଓ ଡ. ଅମୃତ ରାଉଳ, ଅତିରିକ୍ତ ଯନ୍ତ୍ରୀ ଘଟଣା ସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଅଚଳ ନଳକୂପ ସଜାଡିଛନ୍ତି। ତେବେ ନଳକୂପରୁ ଅଳ୍ପ ପାଣି ବାହାରୁଥିବାରୁ ଏହା ଅଳ୍ପ ଦିନ ଭିତରେ ଅଚଳ ହୋଇପଡିବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରି କାଳିଆପଡା ଗ୍ରାମରେ ଦେଖିବାକୁ ମିଳିଥିବା ବେଳେ ରବିବାର ପାଣିପାଇଁ ମହିଳାମାନେ ରାସ୍ତାରୋକୋ କରିଥିଲେ। ଏହି ଘଟଣା ପରେ କାଳିଆପଡା ଏବଂ ତଳକାଳିଆପଡା ଗ୍ରାମକୁ ଜଣେ ବ୍ୟକ୍ତି ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରିଥିଲେ। ଜଳ ଯୋଗାଣ କରିଥିବା ସମ୍ପୃକ୍ତ ବ୍ୟକ୍ତି ଜଣକ ହେଉଛନ୍ତି ଗ୍ରାମର ଉଜ୍ଜଳ ନାଏକ।




ମହିଳାମାନେ ଟ୍ୟାଙ୍କରରୁ ପାଣି ନେଉଛନ୍ତି ।

# ଗ୍ରାମଦେବୀ ମା' ମୁତ୍ୟାଲୁମାଁଙ୍କ ନବଦିନ ବ୍ୟାପୀ ଘଟଯାତ୍ରା ଆରମ୍ଭ

କୋରାପୁଟ,୨୯।୪(ଅମିତାଭ ବେହେରା)

ବାଜା ନାଚଗୀତରେ ସୋମବାର ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ କୋରାପୁଟ ସହରର ଗ୍ରାମଦେବୀ ମାଁ ମୁତ୍ୟାଲୁମାଁଙ୍କ ନବଦିନ ବ୍ୟାପୀ ଘଟଯାତ୍ରା ଆରମ୍ଭ ହୋଇଛି। ଏନେଇ କୋରାପୁଟ ସହରର ବିଭିନ୍ନ ଛକ ସମେତ ସହରକୁ ରଙ୍ଗୀନ ଆଲୋକମାଳାରେ ସଜାଯାଇଛି। ଶୋଭାଯାତ୍ରା ସମୟରେ କୋରାପୁଟରେ ପ୍ରବଳ ବର୍ଷା ହୋଇଥିଲେ ମଧ ଶ୍ରଦ୍ଧାଳୁମାନେ ଉତ୍ସାହର ସହ ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ସୋମବାର ଭୋର ୫ଟାରୁ ମା'ଙ୍କ ପୂଜା ଆରମ୍ଭ ହୋଇ ପୂଜାମଣ୍ଡପରୁ ମା' ଭୋର ୫ଟା ୫୦ ରେ ପୂଜାରି ଘରକୁ ଯାତ୍ରା କରିଥିଲେ। ଅପରାହ୍ନ ୩ଟା ୩୦ରେ ପୂଜା କମିଟି ପକ୍ଷରୁ ଗଜାମୁଆଁ ନେଇ ମା'ଙ୍କୁ ମନ୍ଦିରକୁ ନିମନ୍ତ୍ରଣ କରାଯାଇଥିଲା। ଅପରାହ୍ନ ୫ଟା୩୬ରେ ପୂଜା କମିଟି କର୍ମକର୍ତ୍ତାମାନେ ବାଜା ବାଜଣାରେ ଆନ୍ଧ୍ରରୁ ଆସିଥିବା କଳାକାରଙ୍କ ସହ ବାଘ ନୃତ୍ୟ, ବିଭିନ୍ନ ଦେବୀ ନୃତ୍ୟ ପ୍ରଦର୍ଶନ କରି ପୂଜା ମଣ୍ଡପରୁ ମାଁଙ୍କୁ ଆଣିବା ପାଇଁ ମନ୍ଦିରକୁ ଯାଇଥିଲେ। ସେଠାରେ ମନ୍ଦିର ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ରାତି ୮ଟାରେ ମା' ତାଙ୍କ ଟିକିରାସାହିସ୍ଥିତ ମନ୍ଦିରରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ଶୋଭାଯାତ୍ରାରେ ଅସ୍ଥାୟୀ ମଣ୍ଡପକୁ ବିଜେ କରିଥିଲେ। ପରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବୋଲି ମା' ମୁତ୍ୟାଲୁମା ଟାଉନ ପୂଜା କମିଟି ପକ୍ଷରୁ କୁହାଯାଇଛି। ସୋମବାରଠାରୁ ଏହି ନବଦିନ ଘଟଯାତ୍ରା ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ଅପରାହ୍ନଠାରୁ ମା' ସାହି ପରିକ୍ରମା କରି ଶ୍ରଦ୍ଧାଳୁଙ୍କଠାରୁ ନଡିଆ କଦଳୀ ଆଦି ବିଭିନ୍ନ ଫୁଲଫଳ ଗ୍ରହଣ କରିବେ । ମା'ଙ୍କ କୃପା ରହିଲେ ଯେ କୌଣସି ଅସାଧ କାର୍ଯ୍ୟ ହୋଇଥାଏ ବୋଲି ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି। ଏହି ନବଦିନ ଘଟଯାତ୍ରା ମେ ୭ ତାରିଖ ଯାଏ ଚାଲିବ। ଏହିସମୟରେ ପ୍ରତ୍ୟେକ ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ଟାଉନ ପୂଜା କମିଟି ପକ୍ଷରୁ କୁହାଯାଇଛି ।

# ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ବୃଦ୍ଧଙ୍କୁ ଡାକ୍ତରଖାନା ନେଲେ ଥାନା ଅଧିକାରୀ

ଦାମନଯୋଡ଼ି,୨୯।୪ (ମାନସ ରଞ୍ଜନ କର)

କୋରାପୁଟ ଜିଲା ଦାମନଯୋଡ଼ି ଥାନା ଅନ୍ତର୍ଗତ ମାଥାଲପୁଟ ଆମ୍ବତୋଟା ଶନିମନ୍ଦିର ନିକଟରେ ମୁମୂର୍ଷୁ ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ପଡ଼ି ରହିଥିବା ଜଣେ ଅସହାୟ ବୃଦ୍ଧଙ୍କ ପ୍ରତି ମାନବିକତା ଦେଖାଇଛନ୍ତି ଦାମନଯୋଡ଼ି ଥାନା ଅଧିକାରୀ। ତାଙ୍କୁ ଉଦ୍ଧାର କରି ସେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସମ୍ପୃକ୍ତ ବୃଦ୍ଧ ହେଲେ ନାରାୟଣ କାଡ୍ରାକା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବାର ଦୁଇଘଣ୍ଟା ମଧରେ ଥାନା ଅଧିକାରୀ ପ୍ରମିଳା ବିଡିକା ସମ୍ପୃକ୍ତ ବୃଦ୍ଧ ନାରାୟଣଙ୍କ ନିକଟରେ ପହଞ୍ଚି ତାଙ୍କୁ ସହାୟତା କରିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତି ଖରାପ ଥିବାରୁ ସଙ୍ଗେ ସଙ୍ଗେ ଏକ ଯାତ୍ରୀବାହୀ ଅଟୋ ଯୋଗେ ନାରାୟଣଙ୍କୁ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏ କ୍ଷେତ୍ରରେ ତାଙ୍କୁ ଖବରଦାତା ମାନସ ରଞ୍ଜନ କର, ସାମାଜିକ କର୍ମୀ ଶନେଶ୍ୱର ଜେନା, ମନମୋହନ ନାୟକ ଓ ପେଟା ନାୟକ ସହଯୋଗ କରିଥିଲେ। ନାରାୟଣଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ସେଠାରେ ତାଙ୍କ ଚିକିତ୍ସା ଜାରି ରହିଛି। ନାରାୟଣଙ୍କ କେହି ନିଜର ଆତ୍ମୀୟ ନ ଥିବାରୁ ଥାନା ଅଧିକାରୀ ସମସ୍ତ କଥା ବୁଝୁଥିବା ଜଣାପଡିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ତାଙ୍କୁ ତାଙ୍କ ଗ୍ରାମ କିମ୍ବା କୌଣସି ବୃଦ୍ଧାଶ୍ରମରେ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ଥାନା ଅଧିକାରୀଙ୍କ ଏପରି ମାନବିକତାକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ରାୟଗଡ଼ା ଓକିଲ ସଂଘ ପକ୍ଷରୁ ମଧୁ ଜୟନ୍ତୀ

ରାୟଗଡା,୨୯।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଓକିଲ ଦିବସ ରବିବାର ରାୟଗଡା ବିଚାର ବିଭାଗୀୟ ଅଦାଲତ ପରିସରରେ ପାଳିତ ହୋଇଯାଇଛି। ରାୟଗଡା ଓକିଲ ସଂଘ ସଭାପତି ପଦ୍ମନାଭ ଦାସଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ରାୟଗଡା ଅତିରିକ୍ତ ଜିଲା ଦୌରାଜଜ ଶ୍ୱେତା ମିଶ୍ର ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ ରୀନା ଚୌଧୁରୀ, ରାଜ୍ୟ ଆଇନଜୀବୀ ପରିଷଦର ସଦ୍ୟସ୍ୟ ପି. ରମେଶ ପାତ୍ର, ରାୟଗଡା ଓକିଲ ସଂଘର ବରିଷ୍ଠ ଆଇନଜୀବୀ ବ୍ରଜସୁନ୍ଦର ନାୟକ ଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଂଘ ସମ୍ପାଦକ ବିଶ୍ୱନାଥ ଗନ୍ତାୟତ, ଉପସଭାପତି ୱାଇ. ଶ୍ରୀନିବାସ ରାଓ, କୋଷାଧକ୍ଷ ନୀଳାଚଳ ବିଷୋୟୀ, ସହ ସମ୍ପାଦକ ଶୁଭ୍ରାକାନ୍ତ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଆଇନଜୀବୀ ଭି. ଏସ. ରାଜୁ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଜିଲା କୋର୍ଟରେ ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ହେଲା କାର୍ଯ୍ୟରତ ୧୦ ଜଣ ଆଇନଜୀବୀ ମନୋଜ ଗନ୍ତାୟତ, ରାଧାକୃଷ୍ଣ ଦଳେଇ, କେ. ରବୀନ୍ଦ୍ର, ରମାକାନ୍ତ ଜେନା, ବିଶେଷ ତ୍ରିପାଠୀ, କେ. ଚକ୍ରପାଣି, ରାମଚନ୍ଦ୍ର ପାଢ଼ୀ, ପ୍ରଣତି ପାତ୍ର, ଦେବରାଜ ନାୟକ, ହରେନ୍ଦ୍ର ନାଥ ଚନ୍ଦନ, ପ୍ରଭାତ ସାହୁ ଓ ମିହିର ପତିଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା କୋର୍ଟର ବିଭିନ୍ନ ବିଚାର ବିଭାଗୀୟ ଅଦାଲତର ବିଚାରପତିଙ୍କ ସମେତ ଓକିଲ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଓକିଲ ସଂଘ ପକ୍ଷରୁ ଶିଶୁ ଅବନ୍ତିକା ପଟ୍ଟନାୟକଙ୍କୁ ସମ୍ମାନନିତ କରାଯାଇଥିଲା।



ବୈଠକରେ ମଞ୍ଚାସୀନ ଅତିଥିମାନେ।

# କଂଗ୍ରେସର ମାରାଥନ ପ୍ରଚାର

ଗୁଣପୁର,୨୯।୪( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରରେ ସୋମବାର କଂଗ୍ରେସ ମାରାଥାନ ପ୍ରଚାର କରିଛି। ଏମ୍‌ପି ପ୍ରାର୍ଥୀ ସପ୍ତଗିରି ଶଙ୍କର ଉଲାକା, ବିଧାୟକ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗ ଏବଂ ଗୁଣପୁର ପୌର ଉପାଧକ୍ଷ ଶିବ ପ୍ରସାଦ ଗୌଡ଼ ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ପ୍ରଚାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ବିଜୟ ଗମାଙ୍ଗଙ୍କ ଅନୁପସ୍ଥିତି ଦଳୀୟ ରାଜନୀତିକୁ ସରଗରମ କରିଛି।

ଆସନ୍ତା ୩ ତାରିଖରେ ରାହୁଲ ଗାନ୍ଧୀଙ୍କ ରାୟଗଡ଼ା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ଦଳପକ୍ଷରୁ ବ୍ୟାପକ ପ୍ରଚାର କରାଯିବା ସହ କାର୍ଯ୍ୟକ୍ରମ କିପରି ସଫଳ କରାଯିବ ସେ ନେଇ ଲୋକଙ୍କୁ ଅପିଲ କରାଯାଇଥିଲା। ଗୁଣପୁର ବ୍ଲକ ଗୋଠଲ ପଦର ପଞ୍ଚାୟତର ସିଦାମଗୁଡ଼ାରେ ହୋଇଥିବା କାର୍ଯ୍ୟକ୍ରମରେ ମରମା, ଜଗନ୍ନାଥପୁର ଓ ଶିରିଝୋଲି ଅଞ୍ଚଳର ବହୁ ଲୋକ ଯୋଗ ଦେଇଥିଲେ। ଚିନାସାରି ଏବଂ କୁଲୁସିଂ ଅଞ୍ଚଳର ଲୋକଙ୍କୁ ନେଇ କାଡାସିଠାରେ ସଭା ହୋଇଥିଲା। ଅପରାହ୍ନରେ ଜଲତାର, ଆବାଡା, ଶଗଡା, ପୁଟାସିଂ ଏବଂ ଶଗଡା ଅଞ୍ଚଳର ଲୋକମାନଙ୍କୁ ନେଇ ପୁଟାସିଂ ବସ୍‌ଷ୍ଟାଣ୍ଡଠାରେ ବୈଠକ କରାଯାଇଥିଲା। ଏହି ଅବସରରେ ହୋଇଥିବା ମିଶ୍ରଣ ପର୍ବରେ ଦାମଦୋର ଶବର ଓ ପିତର ଭୂୟାଁଙ୍କ ସମେତ ଅନ୍ୟ ନେତାମାନେ ସାମିଲ ହୋଇଥିଲେ।

ଅନ୍ୟମାନଙ୍କ ମଧରେ ବ୍ଲକ ଉପାଧକ୍ଷ ସୁଦର୍ଶନ ଶବର, ଜିଲା ପରିଷଦ ସଭ୍ୟ କୁନି ନିମାଲା, ସଭ୍ୟ ଇଗାନ ଗମାଙ୍ଗ, ତରଣୀ ଶତପଥୀ, ପି.ନାଗ ଭୂଷଣ ରାଓ, ରାଜେନ୍ଦ୍ର ସାହୁକାର, ରାଜୀବ ସାହୁ, ସାହେବ ଶବରଙ୍କ ସମେତ ବହୁ ଦଳୀୟ ନେତା ଏବଂ କର୍ମୀମାନେ ଉପସ୍ଥିତ ଥିଲେ।



କଂଗ୍ରେସର ବୈଠକରେ ମଞ୍ଚାସୀନ ଦଳୀୟ ନେତାମାନେ।

■ ଜିଲା ସଭାପତି ଅନୁପସ୍ଥିତ
■ ଦଳୀୟ ରାଜନୀତି ସରଗରମ

ଏ ନେଇ ଜିଲା ସଭାପତି ବିଜୟ ଗମାଙ୍ଗଙ୍କୁ ପଚାରିବାରୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ନ ଥିବା ସେ କହିଥିଲେ। ଏଆଇସିସିର ସମ୍ପାଦକ ରବୀନ୍ଦ୍ର ଦାଲଭି ତାଙ୍କ ଘରେ ଉପସ୍ଥିତ ଥିଲେ। ତାଙ୍କୁ ଦାଲଭି ବୁଝାଇବାକୁ ଚେଷ୍ଟା କରିଥିଲେ। ହେଲେ ତାଙ୍କ ଆତ୍ମ ସମ୍ମାନରେ ଆଞ୍ଚ ଆସିଛି ବୋଲି ବିଜୟ କହିଥିଲେ। କଂଗ୍ରେସରୁ ଇସ୍ତଫା ଦେଇ ପ୍ରାର୍ଥୀ ହୋଇଥିବା ଭାସ୍କର ଜାଗରଙ୍ଗାଙ୍କ ସହ ତାଙ୍କର ଫୋଟ ରହିଥିବା ଏବଂ ନାମାଙ୍କନ ପତ୍ର ଦାଖଲ ସମୟରେ ଥିବା ଅଭିଯୋଗ ସମ୍ପର୍କରେ କାହିଁକି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଦାଲଭି କହିଥିଲେ। ହେଲେ ବିଜୟ ଗମାଙ୍ଗ ନାମାଙ୍କନ ପତ୍ର ଦାଖଲରେ ସେ ଯାଇନଥିବା କହିଥିଲେ।

# ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଖଜୁରିପଡ଼ା,୨୯।୪(ବିଦୁର ବେହେରା)

ଖଜୁରିପଡ଼ା ଥାନା ଅନ୍ତର୍ଗତ ବାଗିହାଗୁଡ଼ା ଗ୍ରାମରେ ସୋମବାର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ରାଜେନ୍ଦ୍ର ବାଘ। ରାଜେନ୍ଦ୍ର ବିଭିନ୍ନ ସରକାରୀ, ବେସରକାରୀ ଏବଂ ହାତ ଉଧାରି ହୋଇ ଆର୍ଥିକ ଋଣଗ୍ରସ୍ତ ହୋଇ କିଛିଦିନ ହେବ ମାନସିକ ଚାପଗ୍ରସ୍ତ ହୋଇ ରହୁଥିଲେ। ଏ ନେଇ ଘରେ ପାରିବାରିକ କଳହ ଲାଗି ରହୁଥିଲା। କିଛିଦିନ ହେବ ସ୍ତ୍ରୀ ଏବଂ ଭାଇମାନଙ୍କ ସହ ମଧ୍ୟ ଗଣ୍ଡଗୋଳ ହୋଇଥିଲା। ତେଣୁ ସ୍ତ୍ରୀ ଏବଂ ପିଲାଛୁଆ ମଧ୍ୟ ପାଖରେ ରହୁ ନ ଥିଲେ। ଫଳରେ ରାଜେନ୍ଦ୍ର ମାନସିକ ଚାପଗ୍ରସ୍ତ ହୋଇ ଘରେ କିଏ ନ ଥିବାର ସୁଯୋଗ ନେଇ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଖଜୁରିପଡ଼ା ପୋଲିସ ପହଞ୍ଚି ମୃତଦେହ ଜବତକରିବା ସହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

# ୩ ବିଧାନସଭା ଆସନରୁ ୫ କଲେ ନାମାଙ୍କନ ପ୍ରତ୍ୟାହାର

କୋରାପୁଟ,୨୯।୪
(ଅମିତାଭ ବେହେରା)

ପ୍ରାର୍ଥିପତ୍ର ପ୍ରତ୍ୟାହାର ଦିବସ ସୋମବାର ରହିଥିବାବେଳେ ୫ ଜଣ ପ୍ରାର୍ଥୀ ସେମାନଙ୍କ ପାର୍ଥିପତ୍ର ପ୍ରତ୍ୟାହାର କରିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। କୋରାପୁଟ ଲୋକସଭା ଆସନରୁ ପ୍ରାର୍ଥୀ ହୋଇଥିବା ରାଜେନ୍ଦ୍ର ମାଝି ତାଙ୍କର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବାବେଳେ କୋରାପୁଟ ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ବିପଦ ଭଞ୍ଜନ ଦାସ, ପଟ୍ଟାଙ୍ଗି ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ଜାନି ଓ ଶାମ୍ବା ପାଙ୍ଗି, ଜୟପୁର ବିଧାନସଭା ଆସନରୁ ନୀଳମାଧବ ବିଶୋୟୀ ପ୍ରମୁଖ ୫ ଜଣ ସେମାନଙ୍କ ପ୍ରାର୍ଥିପତ୍ର ସୋମବାର ପ୍ରତ୍ୟାହାର କରି ନେଇଥିବା ଜିଲା ପ୍ରଶାସନ ପକ୍ଷରୁ ଜଣାପଡିଛି। ବର୍ତ୍ତମାନ ନିର୍ବାଚନ ମଇଦାନରେ ମୋଟ ୫୯ ଜଣ ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ

## କୋରାପୁଟ ଲୋକ ସଭା ଆସନ

ମଧ୍ୟରେ କୋରାପୁଟ ଲୋକସଭା ଆସନରେ ୧୧ ଜଣ, କୋରାପୁଟ ବିଧାନସଭା ଆସନରେ ୧୨ ଜଣ, ପଟ୍ଟାଙ୍ଗି ଆସନରେ ୮, ଲକ୍ଷ୍ମୀପୁର ଆସନରେ ୧୧, ଜୟପୁର ଆସନରେ ୧୧ ଓ କୋଟପାଡ ଆସନରେ ୬ ଜଣ ପ୍ରାର୍ଥୀ ରହିଛନ୍ତି।

ଚୂଡାନ୍ତ ତାଲିକା ଅନୁଯାୟୀ କୋରାପୁଟ ଲୋକସଭା ଆସନରେ ମୋଟ ୧୧ ଜଣ ପ୍ରାର୍ଥୀ ରହିଛନ୍ତି। ସେଥିମଧ୍ୟରେ ଅଛନ୍ତି ବିଜେଡିରୁ କୌଶଲ୍ୟା ହିକକା, ଭାଜପାରୁ କାଳୀରାମ ମାଝି, କଂଗ୍ରେସରୁ ସପ୍ତଗିରି ଶଙ୍କର ଉଲ୍ଲାକା, ବିଏସ୍‌ପିରୁ ଦାମିନୀ ମାଝି, ଆରପିଆଇରୁ ସନ୍ତୋଷ ବିଡିକା, ଏସୟୁସିଆଇରୁ ପ୍ରମିଳା ପୂଜାରୀ, ନବଭାରତ ନିର୍ମାଣ ସେବାରୁ ସୁମନ କାନ୍ତ, ସିପିଆଇଏମରୁ ପ୍ରକାଶ ହିକକା ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଅବିନାଶ ଗମାଙ୍ଗ,ରଘୁମଣି ଗମାଙ୍ଗ ଓ ଲାସୁ ହନ୍ତାଳ ରହିଛନ୍ତି। କୋରାପୁଟ ବିଧାନସଭା ଆସନରେ ମୋଟ ୧୨ ଜଣ ପ୍ରାର୍ଥୀ ରହିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ସେଥିମଧ୍ୟରେ ବିଜେଡିରୁ ରଘୁରାମ ପଡାଲ, ଭାଜପାରୁ ରଘୁରାମ ମାଛ, କଂଗ୍ରେସରୁ କୃଷ୍ଣ କୁଳଦୀପ, ବିଏସ୍‌ପିରୁ ସଞ୍ଜୀବ ନାୟକ, ଅଲ ଇଣ୍ଡିଆ ଫରଓ୍ୱାର୍ଡ ବ୍ଲକରୁ ଧନୁର୍ଜୟ ହନ୍ତାଳ, ଏସୟୁସିଆଇରୁ ରାମ ବାରିକ, ନବଭାରତ ନିର୍ମାଣ ସେବାରୁ ସଞ୍ଜୟ ଗରଡା, ଆପ୍‌ରୁ କର୍ପୁର ହନ୍ତାଳ ରହିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ଶିବ ପ୍ରସାଦ ଶଗଡିଆ, ଭାଗୀରଥି ପାଟନିଆ, ଭୁବନ ଖରା, ରଞ୍ଜନ ଖରା ରହିଥିବା ଜଣାପଡିଛି। କୋରାପୁଟ ଜିଲାର ପଟ୍ଟାଙ୍ଗି ବିଧାନସଭା ଆସନରେ ମୋଟ ୮ ଜଣ ପ୍ରାର୍ଥୀ ରହିଥିବା ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ସ୍ପଷ୍ଟ ହୋଇଛି। ସେମାନଙ୍କ ମଧ୍ୟରେ ବିଜେଡିରୁ ପ୍ରଫୁଲ୍ଲ ପାଙ୍ଗି, ଭାଜପାରୁ ଚୈତନ୍ୟ ନନ୍ଦିବାଲି, କଂଗ୍ରେସରୁ ରାମଚନ୍ଦ୍ର କାଡାମ, ବିଏସ୍‌ପିରୁ ମୁରଲିଧର ଗୁଣ୍ଠା, ରିପବ୍ଲିକ ପାର୍ଟି ଅଫ ଇଣ୍ଡିଆରୁ ସ୍ନେହପାତ୍ର ସାନ୍ତା, ଏଆଇଏମ୍‌ଏନ୍‌ପିରୁ ଫୁଲମଣି ପାଙ୍ଗି ଓ ସ୍ୱାଧୀନ ପ୍ରାର୍ଥୀ ରୂପେ ଗଙ୍ଗାମା ମାଝି, ଅମ୍ବିକା କୁମାରୀ ପାଙ୍ଗି ରହିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ସେହିପରି ଲକ୍ଷ୍ମୀପୁର ବିଧାନସଭା ଆସନରେ ସମସ୍ତ ୧୧ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ସେଥିମଧ୍ୟରେ ବିଜେଡିର ପ୍ରଭୁ ଜାନି, ଭାଜପାର କୈଳାସ କୁଲେସିକା, କଂଗ୍ରେସର ପବିତ୍ର ସାଉଁତା, ବିଏସ୍‌ପିର ଜନଧର ୱାଡେକା, ସିପିଆଇର କୁମର ଜାନି, ଆରପିଆଇର ରମେଶ ଜାନି, ସିପିଆଇ(ଏମଏଲ)ର ରାଜେଶ ମାଣ୍ଡିଙ୍ଗି,ସ୍ୱାଧୀନ ପ୍ରାର୍ଥୀ ରୂପେ ପୂର୍ଣ୍ଣ ମାଣ୍ଡିଙ୍ଗି, ମାଳତି ମାଣ୍ଡିଙ୍ଗି, ହବିକା ରବି, ନାରି ହିକକା ରହିଥିବା ଜିଲା ପ୍ରଶାସନ ପକ୍ଷରୁ ଜଣାପଡିଛି।

# ଦେଶୀ ମଦ ଚୋରାଚାଲାଣ ବେଳେ ୪ ଗିରଫ



ମଦ ଚୋରାଚାଲାଣ ବେଳେ ଗିରଫ ହୋଇଥିବା ଅଭିଯୁକ୍ତମାନେ ।

ଜୟପୁର, ୨୯।୪(ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ନିଳାଗୁଡ଼ାର ସାମସନ ହରିଜନ (୧୯), ଚନ୍ଦ୍ର ନାଗ (୨୬), ବାରିଣୀପୁଟର ଧନୁର୍ଜୟ ପାଇକ (୪୩) ଓ ଡଙ୍ଗରିଗୁଡା ଗ୍ରାମର ହରି ଗାଦବା। ଏମାନେ ଦେଶୀ ମଦ ଚୋରାଚାଲାଣ କରୁଥିବା ସୂଚନା ପାଇ ଅବକାରୀ ଅଧୀକ୍ଷକ ଅରୁଣ ପାଢ଼ୀଙ୍କ ନିର୍ଦ୍ଦେଶରେ ଜୟପୁର ଅବକାରୀ ରେଞ୍ଜ ଓ ଜିଲା ଫ୍ଲାଇଂ ସ୍କ୍ୱାଡ ଚଢାଉ କରି ସେମାନଙ୍କୁ ଧରିଥିଲା। ନୀଳାଗୁଡ଼ାରୁ ଏକ ବାଇକ୍‌ରେ ସାମସନ ଦେଶୀ ମଦ ଚାଲାଣ କରୁଥିବା ବେଳେ ଚନ୍ଦନବାଡ଼ ସାହି ନିକଟରେ ଧରାପଡ଼ିଥିଲେ। ତାଙ୍କଠାରୁ ୬୦ ଲିଟର ଦେଶୀ ମଦ ଓ ଏକ ନମ୍ବରବିହୀନ ବାଇକ ଜବତ କରାଯାଇଛି। ସେହିପରି ନୀଳାଗୁଡା ଗ୍ରାମର ଚନ୍ଦ୍ର ଏକ ବାଇକରେ ଦେଶୀ ମଦ ଚାଲାଣ କରୁଥିବା ବେଳେ ନନ୍ଦଗୁଡାଠାରେ ଧରାପଡିଥିଲେ। ତାଙ୍କଠାରୁ ୨୦ ଲିଟର ଦେଶୀ ମଦ ଓ ବାଇକ ଜବତ ହୋଇଛି। ସେହିପରି ବାରିଣୀପୁଟର ଧନୁର୍ଜୟ ଏକ ବାଇକରେ ସଲପ ତାଡି ଚାଲାଣ କରୁଥିବା ବେଳେ କୋଲାବ ପାୱାର ହାଉସ ଛକରେ ଧରାପଡିଥିଲେ। ତାଙ୍କଠାରୁ ୨୦ ଲିଟର ସଲପ ତାଡି ଜବତ ହୋଇଛି। ଏହି ଚଢାଉରେ ଜୟପୁର ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ, ଜିଲା ଫ୍ଲାଇଂ ସ୍କ୍ୱାଡର ଚନ୍ଦ୍ର ଶେଖର ପଡ଼ିହାରି ସାମିଲ ହୋଇଥିବା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର କହିଛନ୍ତି।

# ବିଜେଡି ଏମ୍‌ପି ପ୍ରାର୍ଥୀ ପ୍ରଦୀପଙ୍କ ମନ୍ତବ୍ୟକୁ ଭାଜପାର ବିରୋଧ

ନବରଙ୍ଗପୁର,୨୯।୪(ସଦାଶିବ ପ୍ରହରାଜ)

## ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ନିକଟରେ ଅଭିଯୋଗ

ବିଜେଡି ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝିଙ୍କ ବରୋଧର ଭାଜାପା ଲୋକସଭା ପ୍ରାର୍ଥୀ ବଳଭଦ୍ର ମାଝି ଗୁରୁତର ଅଭିଯୋଗ ଆଣିଛନ୍ତି। ପ୍ରଦୀପ ନିର୍ବାଚନୀ ସଭାରେ ବିଭ୍ରାନ୍ତ କର ମନ୍ତବ୍ୟ ଦେଇ ଲୋକଙ୍କୁ ଡରାଉଛନ୍ତି ବୋଲି ବଳଭଦ୍ର ମାଝି ଅଭିଯୋଗ କରିଛନ୍ତି। ପ୍ରଦୀପ ନିର୍ବାଚନ ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଂଘନ କରୁଛନ୍ତି। ଏହାକୁ ନେଇ ନବରଙ୍ଗପୁର ଲୋକସଭା ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ନିକଟରେ ଲିଖିତ ଭିଯୋଗ କରାଯାଇଛି ବୋଲି ବଳଭଦ୍ର ମାଝି ନବରଙ୍ଗପୁରସ୍ଥିତ ଭାଜପା କାର୍ଯ୍ୟାଳୟରେ ସୋମବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି। ଏହି ଲୋକ ସଭା ନିର୍ବାଚନ ମଣ୍ଡଳୀର ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର ବଡ଼ ଭୋଟ ବ୍ୟାଙ୍କ ଥିବାରୁ ପ୍ରଦୀପ ମାଝି ଭୋଟ ପାଇବା ଆଶାରେ ଭାଜପା ବିରୋଧରେ ମିଥ୍ୟା ପ୍ରଚାର କରୁଛନ୍ତି ବୋଲି ସେ କହିଛନ୍ତି।

ନବରଙ୍ଗପୁର ଲୋକସଭା କ୍ଷେତ୍ର ଅଧୀନ କୋଟପାଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସୋମବାର ବିଜେଡି ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା, ଲୋକସଭା ପ୍ରାର୍ଥୀ ବଳଭଦ୍ର ମାଝିଙ୍କ ବିରୋଧରେ ମିଥ୍ୟା ଆକ୍ଷେପ କରି ଆପତ୍ତିଜନକ ମନ୍ତବ୍ୟ ଆଣିଥିବା ଭାଜପା ଅଭିଯୋଗ କରିଛି। କେନ୍ଦ୍ର ମନ୍ତ୍ରୀ ଶାହା ଅନୁସୂଚିତ ଜାତି ଓ ଜନଜାତି ସଂରକ୍ଷଣ ଉଚ୍ଛେଦ ପାଇଁ ମନ୍ତବ୍ୟ ଦେଇଥିବା ନେଇ ପ୍ରଦୀପ ତାଙ୍କ ବକ୍ତବ୍ୟରେ କହିଥିଲେ। ଭାଜପା ସବୁବେଳେ ସଂରକ୍ଷଣ ସପକ୍ଷରେ ଅଛି। ଭୋଟରଙ୍କୁ ମିଥ୍ୟା କଥା କହି, ଡରାଇବା ଆଚରଣ ବିଧିର ଉଲ୍ଲଂଘନ ବୋଲି ଭାଜପା ଏମ୍‌ପି ପ୍ରାର୍ଥୀ ବଳଭଦ୍ର ଅଭିଯୋଗ କରିଛନ୍ତି। କେନ୍ଦ୍ର ଭାଜପା ସରକାରରେ କୋଣ୍ଡା ରେଡ୍ଡୀ ଓ ଦୋରା ସମ୍ପ୍ରଦାୟକୁ ଜନଜାତିରେ ମାନ୍ୟତା ଦିଆଯାଇଛି। ଅନେକ ସମ୍ପ୍ରଦାୟକୁ ଜନଜାତି ମାନ୍ୟତା ପାଇଁ ବିଜେଡି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇ ନ ଥିବାରୁ ସେମାନେ ଜନଜାତି ମାନ୍ୟତାରୁ ବଞ୍ଚିତ ହୋଇଛନ୍ତି। ଜନଜାତିଙ୍କ ଉନ୍ନତି ପାଇଁ ବିଜେଡି ସରକାରଙ୍କ ଆନ୍ତରିକତା ନାହିଁ ବୋଲି ବଳଭଦ୍ର ଅଭିଯୋଗ କରିଛନ୍ତି। କଂଗ୍ରେସରେ ଥିବାବେଳେ ପ୍ରଦୀପ ବିଜେଡିକୁ ଆଦିବାସୀ ବରୋଧୀ କହିଥିବାବେଳେ ଏବେ ଦଳରେ ମିଶି ମୁଖ୍ୟ ମନ୍ତ୍ରୀଙ୍କୁ ପ୍ରସଂଶା କରୁଛନ୍ତି। ଏହା ବିଜେଡି ପ୍ରାର୍ଥୀ ପ୍ରଦୀପଙ୍କ ଦୋମୁହା ନୀତି ବୋଲି ବଳଭଦ୍ର କହିଛନ୍ତି। କେନ୍ଦ୍ର ସରକାର ଆଦିବାସୀ ମହିଳାଙ୍କୁ ରାଷ୍ଟ୍ରପତି କରିଛି। କେନ୍ଦ୍ର କେବଳ ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗ ନୁହଁ ସାଧାରଣ ବର୍ଗର ଗରୀବ ସୀମା ରେଖା ତଳେ ଥିବା ପରିବାରକୁ ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଛି। ରାଜ୍ୟ ବିଜେଡି ସରକାର ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିନାହିଁ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ଲୋକସଭା ପ୍ରଭାରୀ ମନିଞ୍ଜର ଆର୍ଯ୍ୟ, ଲୋକସଭା ସଂଯୋଜକ ରାମେଶ୍ୱର ଜେନା ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଭାଜପା ପ୍ରାର୍ଥୀ ବଳଭଦ୍ର ମାଝି ଓ ଦଳର ଅନ୍ୟ ନେତାମାନେ।

# ବିଜେଡି ଛାଡ଼ି କଂଗ୍ରେସରେ ସାମିଲ ହେଲେ ନେତା, କର୍ମୀ



କଂଗ୍ରେସରେ ଯୋଗ ଦେଇଥିବା ନୂତନ ନେତା ଓ କର୍ମୀ।

ଜୟପୁର, ୨୯।୪(ପବନ ପାଣିଗ୍ରାହୀ)

ଭାରତୀୟ ଜାତୀୟ କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ଦଳର ନେତା ଓ କର୍ମୀ ବିଜେଡି ଛାଡି ସୋମବାର କଂଗ୍ରେସରେ ଯୋଗ ଦେଇଛନ୍ତି। ସେମାନେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଉପରେ ଆସ୍ଥା ପ୍ରକଟକରି ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଥିବା ଜୟପୁର ବ୍ଲକ କଙ୍ଗା ପଞ୍ଚାୟତର ନେତା ଓ କର୍ମୀମାନେ ପ୍ରକାଶ କରିଛନ୍ତି। ଲକ୍ଷ୍ମୀନଗର ବାସଭବନରେ ବିଧାୟକ ତାରା ପ୍ରସାଦ ବାହିନୀପତି ଦଳୀୟ ଉତ୍ତରୀୟ ପକାଇ ଏହି ନୂତନ ନେତା ଓ କର୍ମୀଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ସେମାନଙ୍କ ଯୋଗଦାନ କଂଗ୍ରେସକୁ ଜୟପୁର ନିର୍ବାଚନ ମଣ୍ଡଳୀରେ ଆହୁରି ସଶକ୍ତ କରିବ ବୋଲି ବିଧାୟକ ବାହିନୀପତି କହିଛନ୍ତି। ଏହି ମିଶ୍ରଣ ପର୍ବରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ବ୍ଲକ ସଭାପତି ବସନ୍ତ ନାୟକ, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠଙ୍କୁ ଦୁର୍ବ୍ୟବହାର କରୁଛନ୍ତି କନିଷ୍ଠ

ପଟ୍ଟାଙ୍ଗି,୨୯।୪(ଶରତ ଧଳ)

## ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଜଣେ କନିଷ୍ଠ ଶିକ୍ଷକ ପ୍ରଧାନଶିକ୍ଷକ ଦାୟିତ୍ୱରେ ରହିଥିବା ବେଳେ ବିଦ୍ୟାଳୟର ଜଣେ ବରିଷ୍ଠ ଶିକ୍ଷୟିତ୍ରୀଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ନେଇ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ବିଇଓଙ୍କ ଉପସ୍ଥିତିରେ କନିଷ୍ଠ ଶିକ୍ଷକ ଜଣକ ବରିଷ୍ଠ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର କରିଥିଲେ ମଧ୍ୟ ସେ ନୀରବ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକରେ ଏପରି ଘଟଣା ଦେଖିବାକୁ ମିଳିଛି।

ସୂଚନା ମୁତାବକ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ଅଧୀନରେ ଥିବା ରାଲେଗଡା ହାଇସ୍କୁଲରେ ଦୀର୍ଘ ମାସ ଧରି ପ୍ରଧାନଶିକ୍ଷକ ପଦ ଖାଲି ପଡିଥିଲା। ଉକ୍ତ ପଦବୀରେ ଜଣେ କନିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ ଦାୟିତ୍ୱ ତୁଲାଉଥିଲେ। ମାତ୍ର ସମ୍ପୃକ୍ତ କନିଷ୍ଠ ଶିକ୍ଷକ ଜଣକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଏବଂ ଏଥିପ୍ରତି ବିଇଓ କିମ୍ବା ସିଆରସିସି କେହି ମଧ୍ୟ ହସ୍ତକ୍ଷେପ ନ କରିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। କନିଷ୍ଠ ଶିକ୍ଷକଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ଶେଷରେ ବିଦ୍ୟାଳୟର ସମସ୍ତ ବରିଷ୍ଠ ଶିକ୍ଷୟିତ୍ରୀ ପୋଲିସ ଏବଂ ବିଇଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେ ପ୍ରଦାନ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ଯେ, ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱରେ ଥିବା କନିଷ୍ଠ ଶିକ୍ଷକ ପଟ୍ଟନାୟକ ବିନା ରିଜୋଲ୍ୟୁଶନ୍‌ରେ ଏକ ବ୍ଲାଙ୍କ୍ ଚେକ୍‌ରେ ବରିଷ୍ଠ ଶିକ୍ଷୟିତ୍ରୀଙ୍କୁ ଦସ୍ତଖତ କରିବାକୁ କହିଥିଲେ। ଏଥିରେ ସେ ରାଜି ନ ହୋଇ ବ୍ଲାଙ୍କ ଚେକ୍‌ରେ ଦସ୍ତଖତ କରିବି ନାହିଁ ବୋଲି କହିବାରୁ କନିଷ୍ଠ ଶିକ୍ଷକ ପଟ୍ଟନାୟକ ମୁଁ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଅଛି ମୋ ନିର୍ଦ୍ଦେଶ ମାନିବାକୁ ପଡ଼ିବ ବୋଲି କହି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏଥିରେ ବିଇଓ ଚୁପ୍ ରହିବା ଶିକ୍ଷୟିତ୍ରୀମାନଙ୍କ ସୁରକ୍ଷା ପ୍ରତି ପ୍ରଶ୍ନ ଉଠିଛି। ପଟ୍ଟାଙ୍ଗି ବ୍ଲକ ଶିକ୍ଷା ବିଭାଗରେ ଥିବା କେତେକ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ପଦ ଖାଲି ପଡିଥିବା ବେଳେ ସେହି ସ୍ଥାନରେ କନିଷ୍ଠ ଶିକ୍ଷକମାନଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରଖି ଶିକ୍ଷା ବିଭାଗ ରହିଥିବା ନିୟମକୁ ଉଲ୍ଲଂଘନ କରିଚାଲିଛି। ଏ ସମ୍ପର୍କରେ ଜାଣିବା ଲାଗି କନିଷ୍ଠ ଶିକ୍ଷକ ପଟ୍ଟନାୟକ ଏବଂ ବିଇଓ ଟି. ମିନତିଙ୍କୁ ଫୋନ୍ ଯୋଗେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ ମହାନ୍ତିଙ୍କୁ ଏ ବିଷୟରେ ପଚାରିବାରୁ ଏହା ଅତି ନିନ୍ଦନୀୟ ଘଟଣା। କ'ଣ ପାଇଁ ଏପରି ଘଟିଲା ତାହା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ସହରରେ ବଢୁଛି ଟ୍ରାଫିକ ସମସ୍ୟା

ସେମିଳିଗୁଡା/ସୁନାବେଡା,୨୯।୪
(ବାସୁଦେବ ବରାଡ଼/ କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡା ପୌର ପରିଷଦ ଅଧୀନ ସୁନାବେଡା ଓ ସେମିଳିଗୁଡା ଉଭୟ ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିଚାଲିଛି। ସେମିଳିଗୁଡା ଭେଣ୍ଡିଂ ଜୋନଠାରୁ ନାଲ୍‌କୋ ଛକ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଅଣାୟତ୍ତ ହୋଇପଡୁଛି। ପ୍ରତିଦିନ କିଛି ନା କିଛି ଦୁର୍ଘଟଣା ଉକ୍ତ ଅଞ୍ଚଳରେ ଘଟୁଛି। ୨୬ ନଂ. ଜାତୀୟ ରାଜପଥ ଅନ୍ତର୍ଗତ ସେମିଳିଗୁଡା ସହରରେ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ୫ କୋଟି ଟଙ୍କା ବ୍ୟୟରେ ନାଲ୍‌କୋ ଛକଠାରୁ ଟ୍ରାଫିକ ଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ସହ ଡିଭାଇଡର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଗତ ନଭେମ୍ବର ୨୦୨୩ରେ ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଡିଭାଇଡର ନିର୍ମାଣ ପୂର୍ବରୁ ରାସ୍ତା ପାର୍ଶ୍ୱରେ ଡ୍ରେନ କାମ ହୋଇଥିଲା। ମାତ୍ର ଡ୍ରେନ ପାଇଁ ଖୋଳା ଯାଇଥିବା ମାଟି ପଥରକୁ ରାସ୍ତା କଡରେ ଗଦା କରାଯାଇଛି। ଫଳରେ ରାସ୍ତା ପ୍ରଶସ୍ତୀକରଣ କାମ ଆଗକୁ ବଢିପାରୁ ନ ଥିବା ଦେଖିବାକୁ ମିଳିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତାର ଗୋଟିଏ ପାର୍ଶ୍ୱ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ବେଳେ ଅନ୍ୟପାର୍ଶ୍ୱ ଛତିଶଗଡ଼କୁ ସଂଯୋଗ କରୁଛି। ଫଳରେ ପ୍ରତ୍ୟହ ବହୁ ସଂଖ୍ୟାରେ ଗାଡିମୋଟର ଉକ୍ତ ରାସ୍ତାରେ ଚଳପ୍ରଚଳ କରୁଛି। ଜାତୀୟ ରାଜପଥ କନିଷ୍ଠ ଯନ୍ତ୍ରୀ ସୁମିତ ରଞ୍ଜନଙ୍କୁ ସେମିଳିଗୁଡା ଜାତୀୟ ରାଜପଥ ପ୍ରଶସ୍ତୀକରଣ ଓ ଡିଭାଇଡର ନିର୍ମାଣ କାର୍ଯ୍ୟ ବନ୍ଦ ସମ୍ପର୍କରେ ପଚାରିବାରୁ ସେ କହିଲେ, ସମ୍ପୃକ୍ତ ଠିକାସଂସ୍ଥା ଆଉ କିଛି ଦିନ ସମୟ ମାଗିଛନ୍ତି। ବିଦ୍ୟୁତ ବିଭାଗ ପକ୍ଷରୁ ନୂଆ ପୋଲ୍ ପକାଯାଇ ପୁରଣା ପୋଲ୍‌ଗୁଡିକୁ ରାସ୍ତା ଉପରୁ କଢାଯାଇ ନ ଥିବାରୁ କାମ ବନ୍ଦ ରହିଛି। ଏହାବ୍ୟତୀତ ରାସ୍ତା କଡ଼ରେ ପଡ଼ି ରହିଥିବା ମାଟି ଗୋଡ଼ିକୁ ଶୀଘ୍ର ଉଠାଇବା ବ୍ୟବସ୍ଥା କରାଯାଇ କାମ ଆରମ୍ଭ ହେବ ବୋଲି ସେ କହିଥିଲେ।



ରାସ୍ତା ପାର୍ଶ୍ୱରେ ଗଦା ହୋଇଥିବା ମାଟି ଗୋଡି।

# ପ୍ରାର୍ଥିପତ୍ର ପ୍ରତ୍ୟାହାର କଲେ ସ୍ୱାଧୀନ ପ୍ରାର୍ଥୀ

ଜୟପୁର,୨୯।୪ପବନ ପାରିଗ୍ରାହୀ)

ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ଦିବସରେ ସୋମବାର ଜଣେ ସ୍ୱାଧୀନ ପ୍ରାର୍ଥୀ ନୀଳମାଧବ ବିଷୋୟୀ ନିଜ ନାମାଙ୍କନପତ୍ର ପ୍ରତ୍ୟାହାରକରି ନେଇଛନ୍ତି। ସେ ସ୍ୱାଧୀନ ପ୍ରାର୍ଥୀ ଭାବରେ ଜୟପୁର ନିର୍ବାଚନ ମଣ୍ଡଳୀରୁ ବିଧାୟକ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ।

# ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ବୃଦ୍ଧଙ୍କୁ ଡାକ୍ତରଖାନା ନେଲେ ଥାନା ଅଧିକାରୀ

ଦାମନଯୋଡ଼ି,୨୯।୪
(ମାନସ ରଞ୍ଜନ କର)

କୋରାପୁଟ ଜିଲା ଦାମନଯୋଡ଼ି ଥାନା ଅନ୍ତର୍ଗତ ମାଥାଲପୁଟ ଆମ୍ବତୋଟା ଶନିମନ୍ଦିର ନିକଟରେ ମୁମୂର୍ଷୁ ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ପଡ଼ି ରହିଥିବା ଜଣେ ଅସହାୟ ବୃଦ୍ଧଙ୍କ ପ୍ରତି ମାନବିକତା ଦେଖାଇଛନ୍ତି ଦାମନଯୋଡ଼ି ଥାନା ଅଧିକାରୀ। ତାଙ୍କୁ ଉଦ୍ଧାର କରି ସେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସମ୍ପୃକ୍ତ ବୃଦ୍ଧ ହେଲେ ନାରାୟଣ କାଡ୍ରାକା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବାର ଦୁଇଘଣ୍ଟା ମଧ୍ୟରେ ଥାନା ଅଧିକାରୀ ପ୍ରମିଳା ବିଡିକା ସମ୍ପୃକ୍ତ ବୃଦ୍ଧ ନାରାୟଣଙ୍କ ନିକଟରେ ପହଞ୍ଚି ତାଙ୍କୁ ସହାୟତା କରିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତି ଖରାପ ଥିବାରୁ ସଙ୍ଗେ ସଙ୍ଗେ ଏକ ଯାତ୍ରୀବାହୀ ଅଟୋ ଯୋଗେ ନାରାୟଣଙ୍କୁ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏ କ୍ଷେତ୍ରରେ ତାଙ୍କୁ ଖବରଦାତା ମାନସ ରଞ୍ଜନ କର, ସାମାଜିକ କର୍ମୀ ଶନେଶ୍ୱର ଜେନା, ମନମୋହନ ନାୟକ ଓ ପେଟା ନାୟକ ସହଯୋଗ କରିଥିଲେ। ନାରାୟଣଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ସେଠାରେ ତାଙ୍କ ଚିକିତ୍ସା ଜାରି ରହିଛି। ନାରାୟଣଙ୍କ କେହି ନିଜର ଆତ୍ମୀୟ ନ ଥିବାରୁ ଥାନା ଅଧିକାରୀ ସମସ୍ତ କଥା ବୁଝୁଥିବା ଜଣାପଡିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ତାଙ୍କୁ ତାଙ୍କ ଗ୍ରାମ କିମ୍ବା କୌଣସି ବୃଦ୍ଧାଶ୍ରମରେ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ଥାନା ଅଧିକାରୀଙ୍କ ଏପରି ମାନବିକତାକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଗ୍ରାମଦେବୀ ମା' ମୁତ୍ୟାଲୁମାଁଙ୍କ ନବଦିନ ବ୍ୟାପୀ ଘଟଯାତ୍ରା ଆରମ୍ଭ

କୋରାପୁଟ,୨୯।୪(ଅମିତାଭ ବେହେରା)

ବାଜା ନାଚଗୀତରେ ସୋମବାର ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ କୋରାପୁଟ ସହରର ଗ୍ରାମଦେବୀ ମାଁ ମୁତ୍ୟାଲୁମାଁଙ୍କ ନବଦିନ ବ୍ୟାପୀ ଘଟଯାତ୍ରା ଆରମ୍ଭ ହୋଇଛି । ଏନେଇ କୋରାପୁଟ ସହରର ବିଭିନ୍ନ ଛକ ସମେତ ସହରକୁ ରଙ୍ଗୀନ ଆଲୋକମାଳାରେ ସଜାଯାଇଛି। ଶୋଭାଯାତ୍ରା ସମୟରେ କୋରାପୁଟରେ ପ୍ରବଳ ବର୍ଷା ହୋଇଥିଲେ ମଧ୍ୟ ଶ୍ରଦ୍ଧାଳୁମାନେ ଉତ୍ସାହର ସହ ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ସୋମବାର ଭୋର ୫ଟାରୁ ମା'ଙ୍କ ପୂଜା ଆରମ୍ଭ ହୋଇ ପୂଜାମଣ୍ଡପରୁ ମା' ଭୋର ୫ଟା ୫୦ ରେ ପୂଜାରି ଘରକୁ ଯାତ୍ରା କରିଥିଲେ। ଅପରାହ୍ନ ୩ଟା ୩୦ରେ ପୂଜା କମିଟି ପକ୍ଷରୁ ଗଜାମୁଆଁ ନେଇ ମା'ଙ୍କୁ ମନ୍ଦିରକୁ ନିମନ୍ତ୍ରଣ କରାଯାଇଥିଲା। ଅପରାହ୍ନ ୫ଟା୩୬ରେ ପୂଜା କମିଟି କର୍ମକର୍ତ୍ତାମାନେ ବାଜା ବାଜଣାରେ ଆନ୍ଧ୍ରରୁ ଆସିଥିବା କଳାକାରଙ୍କ ସହ ବାଘ ନୃତ୍ୟ, ବିଭିନ୍ନ ଦେବୀ ନୃତ୍ୟ ପ୍ରଦର୍ଶନ କରି ପୂଜା ମଣ୍ଡପରୁ ମାଁଙ୍କୁ ଆଣିବା ପାଇଁ ମନ୍ଦିରକୁ ଯାଇଥିଲେ। ସେଠାରେ ମନ୍ଦିର ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ରାତି ୮ଟାରେ ମା' ତାଙ୍କ ଟିକିରାସାହିସ୍ଥିତ ମନ୍ଦିରରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ଶୋଭାଯାତ୍ରାରେ ଅସ୍ଥାୟୀ ମଣ୍ଡପକୁ ବିଜେ କରିଥିଲେ। ପରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବୋଲି ମା' ମୁତ୍ୟାଲୁମା ଟାଉନ ପୂଜା କମିଟି ପକ୍ଷରୁ କୁହାଯାଇଛି। ସୋମବାରଠାରୁ ଏହି ନବଦିନ ଘଟଯାତ୍ରା ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ଅପରାହ୍ନଠାରୁ ମା' ସାହି ପରିକ୍ରମା କରି ଶ୍ରଦ୍ଧାଳୁଙ୍କଠାରୁ ନଡିଆ କଦଳୀ ଆଦି ବିଭିନ୍ନ ଫୁଲଫଳ ଗ୍ରହଣ କରିବେ । ମା'ଙ୍କ କୃପା ରହିଲେ ଯେ କୌଣସି ଅସାଧ୍ୟ କାର୍ଯ୍ୟ ହୋଇଥାଏ ବୋଲି ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି । ଏହି ନବଦିନ ଘଟଯାତ୍ରା ମେ ୭ ତାରିଖ ଯାଏ ଚାଲିବ। ଏହି ସମୟରେ ପ୍ରତ୍ୟେକ ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ଟାଉନ ପୂଜା କମିଟି ପକ୍ଷରୁ କୁହାଯାଇଛି ।





ଶ୍ରଦ୍ଧାଳୁଙ୍କ ଗହଣରେ ସୋମବାର ସହର ପରିକ୍ରମା କରୁଛନ୍ତି ମା' ।

